ଦିଲ୍ଲୀ ବିକାଶ ପ୍ରାଧିକରଣ

ବନାମ

ସ୍କିପର ନିର୍ମାଣ କମ୍ପାନୀ ଏବଂ ଅନ୍ୟଜଣେ ।

11, ଫେବୃଆରୀ 1997

[ବି.ପି. ଜିବନ ରେଡ୍ଡି ଏବଂ କେ.ଏସ୍. ପରିପୂର୍ଣ୍ଣନ, ନ୍ୟାୟମୂର୍ତ୍ତିଦ୍ୱୟ]

ବ୍ୟାଙ୍କିଙ୍ଗ୍:

ବ୍ୟାଙ୍କ ପ୍ରତ୍ୟାଭୁତି-ଅନିୟମିତତା-ନ୍ୟୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଅନ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ତଥା ନିର୍ଦ୍ଦେଶକ-ସ୍କିପର ଗ୍ରୁପ୍ ତରଫରୁ ବ୍ୟାଙ୍କ ପ୍ରତ୍ୟାଭୁତି ପ୍ରସଙ୍ଗରେ ଅନିୟମିତତା-ନିର୍ଣ୍ଣିତ ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶରେ ବ୍ୟାଙ୍କଗୁଡ଼ିକର କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଏବଂ ତଦାରଖ କରିବାର ଅଧିକାରୀ ହୋଇଥିବାରୁ, ଏହି ମାମଲାର ତଦନ୍ତ କରିବ ଏବଂ ଏହି ମାମଲାରେ ଜଡିତ ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ୱ ସ୍ଥିର କରି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଏକ ରିପୋର୍ଟ ପଠାଇବ ।

ଦେୱାନୀ ଆବେଦନ ଅଧିକାରିତା: ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 16,23,24,25,27,29,30,31,32,38-49,15,32A, 33,34,51-54 ।

ସହିତ

ବିଶେଷ ଅନୁମତି ଆବେଦନ (ସଦେୱାନୀ) ସଂଖ୍ୟା 21000/1993 ।

ମକଦ୍ଦମା ସଂଖ୍ୟା 770/1993 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 9.12.93 ର ରାୟ ଏବଂ ଆଦେଶରୁ ।

ଭି.ଆର୍. ରେଡ୍ଡୀ, କେ.ଏନ୍. ଭଟ୍ଟ, ଅତିରିକ୍ତ ସଲିସିଟର ଜେନେରାଲ, ଏଚ୍.ଏନ୍. ସାଲଭେ, କପିଲ ସିବଲ୍, ଅରୁଣ ଜେଟଲୀ, ଜୋସେଫ୍ ଭେଲ୍ଲାପଲ୍ଲୀ, ଅରବିନ୍ଦ କୁମାର, ସୁଶ୍ରୀ କାମିନୀ ଜୟସୱାଲ, ଦୟାନ୍ କ୍ରିଶନନ୍, କେ.ସି. ଦୁଆ, ଦିନ ଦୟାଲ ଶର୍ମା, କେ. ଜେ. ଜନ୍, ସୁଧୀର କୁମାର ଗୁପ୍ତା, ଜନ କଲ୍ୟାଣ ଦାସ, ପି.ଏନ୍. ମିଶ୍ର, ଆର୍.ସି. ଗୁବ୍ରେଲେ, ସୁନୀଲ ଡୋଗ୍ରା, ସୁଶ୍ରୀ ମୋନିକା ଶର୍ମା, ସୁଶ୍ରୀ ସୁଶୀଲା ରାମ, ଦେବେନ୍ଦ୍ର ସିଂ, ଏସ୍. ସୁକୁମାରନ୍, ଜଗଦୀପ କିଶୋର, ୱାଇ.ପି. ନାର

ଉପସ୍ଥାପିତ ଦଳଗୁଡ଼ିକ ପାଇଁ ୱାଇ. ପି. ମହାଜନ, ଭି.କେ. ବର୍ମା, କେ.ସି. ଦୁଆ, ରଞ୍ଜିତ କୁମାର, ସୁଶ୍ରୀ ଅନୁ ମୋହଲା, ଏଚ୍.ଏସ୍. ପରିହାର, କୁଳଦୀପ ଏସ୍. ପରିହାର, ଆର୍.କେ. ଆନନ୍ଦ, ଏସ୍. ପି. ଶର୍ମା, ଲୋକେଶ, ଅରୁଣ ବୀରବଲ, ପି. ଆର୍. ରାମାସେଶ, ଏସ୍. କେ. କୁଲକର୍ଣୀ, (ବ୍ୟକ୍ତିଗତ ଭାବେ ଯଶୱନ୍ତ ସିଂହ) ଉପସ୍ଥିତ ପକ୍ଷମାନଙ୍କ ପାଇଁ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ଆଦେଶ 31, ଜାନୁଆରୀ 1997ର ଆଦେଶ ଏବଂ 7, ଫେବୃଆରୀ 1997ର ଆଦେଶର ଧାରାବାହିକତା ଅଟେ ।

ଶ୍ରୀ ଆର୍.ସି. ସୁନେଜା (ନ୍ୟୁ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ) ଙ୍କୁ ଦିଆଯାଇଥିବା ନୋଟିସ ଅନୁଯାୟୀ, ସେ ଏକ ପୁଙ୍ଖାନୁପୁଙ୍ଖ ଜବାବରେ ଅନେକ ତଥ୍ୟ ଏବଂ ପରିସ୍ଥିତି ପ୍ରସ୍ତୁତ କରିଥିଲେ ଏବଂ ଅନେକ ପ୍ରତିରକ୍ଷା ଉପସ୍ଥାପନ କରିଛନ୍ତି । ସେ ତାଙ୍କ ଦ୍ୱାରା, ତାଙ୍କ ପତ୍ନୀ ଏବଂ ତାଙ୍କ ପିଲାମାନଙ୍କ ଦ୍ୱାରା ଧାରଣ କରାଯାଇଥିବା ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ଏକ ତାଲିକା ମଧ୍ୟ ଦାଖଲ କରିଛନ୍ତି । ଏହି ପ୍ରସଙ୍ଗରେ କାନାରା ବ୍ୟାଙ୍କ ଏକ ବିସ୍ତୃତ ପ୍ରତିକ୍ରିୟା ଦାଖଲ କରିଛନ୍ତି ।  ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଯେଉଁଥିରେ ନ୍ୟୁ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ବିଲୟ କରାଯାଇଛି, ମଧ୍ୟ ନିଜର ଜବାବ ଦାଖଲ କରିବାକୁ ପ୍ରସ୍ତାବ ଦେଇଛି ।

ନ୍ୟୁ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅନ୍ୟ ନିର୍ଦ୍ଦେଶକ, ଯେଉଁମାନଙ୍କୁ ନୋଟିସ୍ ଦିଆଯାଇଥିଲା, ଯଥା, ସୁଶ୍ରୀ ତାଜୱାର ରେହମାନ ସାହନୀ, ଶ୍ରୀ ସୁଦର୍ଶନ ଲାଲ, ଶ୍ରୀ ଏସ୍.ଏସ୍. ରାନାଡେ ଏବଂ ଶ୍ରୀ ଜେ.କେ. ସାହନୀ ସେମାନଙ୍କ ସ୍ପଷ୍ଟୀକରଣ ଦାଖଲ କରିଛନ୍ତି ।

ସ୍ୱର୍ଗତ ଶ୍ରୀ ବି.ଆର. ରତ୍ନାକର (କାନାରା ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ) ଙ୍କ ଆଇନଗତ ପ୍ରତିନିଧିଙ୍କ ସମ୍ବନ୍ଧରେ କାନାରା ବ୍ୟାଙ୍କର ବିଦ୍ୱାନ ଓକିଲଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଆଧାରରେ ଭାରତରେ ଥିବା ତାଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ନୋଟିସ୍ ଜାରି କରାଯାଇଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ହରିଶ ସାଲଭେ କହିଛନ୍ତି ଯେ ଏହି ଦିନ (7 ଫେବୃଆରୀ, 1997) ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜବାବ ଦାଖଲ କରାଯିବ ।

ଆମ ସମ୍ମୁଖରେ ପ୍ରଶ୍ନ ଉଠୁଛି ଯେ ଶ୍ରୀ ଆର.ସି. ସୁନେଜା, ସୁଶ୍ରୀ ତାଜୱାର ରେହମାନ ସାହନୀ, ଶ୍ରୀ ସୁଦର୍ଶନ ଲାଲ, ଶ୍ରୀ ଏସ୍. ଏସ୍. ରାନାଡେ ଏବଂ ଶ୍ରୀ ଜେ.କେ. ସାହନୀ ନ୍ୟୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ସ୍କିପର ଗ୍ରୁପ୍ ଅଫ୍ କମ୍ପାନୀକୁ ବ୍ୟାଙ୍କ ପ୍ରତ୍ୟାଭୁତି ପ୍ରଦାନ କରିବା ସମୟରେ ସ୍ୱେଚ୍ଛାକୃତ ଏବଂ/କିମ୍ବା ଜାଣିଶୁଣି ସେମାନଙ୍କ କ୍ଷମତାର ଅପବ୍ୟବହାର/ଦୁରୁପଯୋଗ ପାଇଁ ଦୋଷୀ କି ଏବଂ ଏହିପରି ଭାବରେ ସେମାନେ କେତେ ପରିମାଣରେ ବ୍ୟାଙ୍କର କ୍ଷତି ଘଟାଇଛନ୍ତି । ଉକ୍ତ ପ୍ରଶ୍ନର ଉତ୍ତର ଉପରେ ନିର୍ଭର କରିବ ଯେ ଉକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ବ୍ୟାଙ୍କକୁ ହୋଇଥିବା କ୍ଷତିର ଭରଣା କରିବା ପାଇଁ ଉତ୍ତରଦାୟୀ ରହିବେ । ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ସେହି ଉତ୍ତର ଉପରେ ନିର୍ଭର କରିବ ।

ସେହିଭଳି, ଶ୍ରୀ ବି. ଆର୍. ରତ୍ନାକରଙ୍କ କ୍ଷେତ୍ରରେ ମଧ୍ୟ ପ୍ରଶ୍ନ ଉଠୁଛି ନ୍ୟୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ସ୍କିପର ଗ୍ରୁପ୍ ଅଫ୍ କମ୍ପାନୀକୁ ବ୍ୟାଙ୍କ ପ୍ରତ୍ୟାଭୁତି ପ୍ରଦାନ କରିବା ସମୟରେ ସ୍ୱେଚ୍ଛାକୃତ ଏବଂ/କିମ୍ବା ଜାଣିଶୁଣି ସେମାନଙ୍କ କ୍ଷମତାର ଅପବ୍ୟବହାର/ଦୁରୁପଯୋଗ ପାଇଁ ଦୋଷୀ କି ଏବଂ ଏହିପରି ଭାବରେ ସେମାନେ କେତେ ପରିମାଣରେ ବ୍ୟାଙ୍କର କ୍ଷତି ଘଟାଇଛନ୍ତି ଉକ୍ତ ପ୍ରଶ୍ନର ଉତ୍ତର ଉପରେ ନିର୍ଭର କରିବ ଯେ ଉକ୍ତ ବ୍ୟକ୍ତିମାନଙ୍କ ଆଇନଗତ ପ୍ରତିନିଧିମାନେ ବ୍ୟାଙ୍କକୁ ହୋଇଥିବା କ୍ଷତିର ଭରଣା କରିବା ପାଇଁ ଉତ୍ତରଦାୟୀ ରହିବେ ।

ଆମେ ଏହା ମଧ୍ୟ ଉଲ୍ଲେଖ କରିପାରିବା ଯେ ଶ୍ରୀ ଆର୍. ଆର୍. ପ୍ରଧାନ, ଡ. ଏମ୍. ଆର୍. କୋଟଡାୱାଲା, ଶ୍ରୀ ଜେ. ପି. ଅୱସ୍ତି ଏପ୍ରିଲ 24,1984 ରୁ ନଭେମ୍ବର 10,1988 ମଧ୍ୟରେ କାନାରା ବ୍ୟାଙ୍କର ବୋର୍ଡରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମନୋନୀତ ହୋଇଥିଲେ । ଏହି ପ୍ରସଙ୍ଗରେ ସେମାନଙ୍କର ଦାୟିତ୍ୱ ମଧ୍ୟ ସ୍ଥିର କରିବାକୁ ପଡିବ । ଶ୍ରୀ ଡି. ସୀତାରାମ୍ମା 1 ଅଗଷ୍ଟ 1981 ରୁ 17 ଅଗଷ୍ଟ 1987 ପର୍ଯ୍ୟନ୍ତ ଏହି ବ୍ୟାଙ୍କର ବୋର୍ଡରେ କର୍ମଚାରୀ ନିର୍ଦ୍ଦେଶକ ଥିଲେ । ନ୍ୟାୟାଧୀଶ ସହର୍ଯ୍ୟା ଆୟୋଗଙ୍କ ଦ୍ୱାରା (ରିପୋର୍ଟର ପୃଷ୍ଠା 128 ରେ) ନଥିଭୁକ୍ତ କରାଯାଇଥିବା ଉପସଂହାର (e) ର ଆଧାରରେ ସେମାନଙ୍କ ବିରୋଧରେ କାହିଁକି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ନୁହେଁ ତାହା ଦର୍ଶାଇବାକୁ ଏହି ବ୍ୟକ୍ତିମାନଙ୍କୁ ନୋଟିସ୍ ମଧ୍ୟ ଜାରି କରାଯିବ ।

ଏଠାରେ ଜଡିତ ପ୍ରଶ୍ନର ପ୍ରକୃତିକୁ ଦୃଷ୍ଟିରେ ରଖି, ଏବଂ ଦେଶରେ ବ୍ୟାଙ୍କଗୁଡ଼ିକର କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଏବଂ ତଦାରଖ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ହୋଇଥିବାରୁ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଉପରୋକ୍ତ ପ୍ରଶ୍ନଗୁଡ଼ିକର ଅନୁସନ୍ଧାନ କରାଯିବା ଉଚିତ ବୋଲି ଆମେ ବିଚାର କରୁଛୁ । ଏହି ଉଦ୍ଦେଶ୍ୟରେ, ଆମେ ଭାରତୀୟ ରିଜର୍ଭ ବ୍ୟାଙ୍କର

ଗଭର୍ଣ୍ଣରଙ୍କୁ ଅନୁରୋଧ କରୁଛୁ ଯେ ଏକ ଅନୁସନ୍ଧାନ କମିଟି ଗଠନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ପାହ୍ୟାର ଦୁଇ ଜଣ ଅଧିକାରୀଙ୍କୁ ମନୋନୀତ କରନ୍ତୁ । ଏହା ନ୍ୟାୟାଳୟ ଦ୍ଵାରା ଜାରି କରାଯାଇଥିବା ନୋଟିସ ଅନୁଯାୟୀ ଏହି ନ୍ୟାୟାଳୟରେ ଅନେକ ପକ୍ଷଙ୍କ ଦ୍ଵାରା ଦାଖଲ ହୋଇଥିବା ପ୍ରତିକ୍ରିୟା/ବ୍ୟାଖ୍ୟା ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପଠାଯିବ ଏବଂ ଅନୁସନ୍ଧାନ କମିଟି ସମ୍ମୁଖରେ ଏହା ନଥିର ଏକ ଅଂଶ ଗଠନ କରିବ । ନ୍ୟାୟାଧୀଶ ସହର୍ୟା ଆୟୋଗଙ୍କ ରିପୋର୍ଟର ଦୁଇଟି କପି ମଧ୍ୟ ଭାରତୀୟ ରିଜର୍ଭ ବ୍ୟାଙ୍କ ନିକଟକୁ ପଠାଯିବ ଏବଂ ଏହା ମଧ୍ୟ ଉକ୍ତ ତଦନ୍ତ କମିଟି ସମ୍ମୁଖରେ ରେକର୍ଡର ଏକ ଅଂଶ ହେବ । ଆୟୋଗଙ୍କ ଉକ୍ତ ରିପୋର୍ଟକୁ ଏକ ପ୍ରାସଙ୍ଗିକ ପ୍ରମାଣ ଭାବରେ ବିବେଚନା କରାଯିବ କିନ୍ତୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିର୍ଣ୍ଣାୟକ ପ୍ରମାଣ ଭାବରେ ନୁହେଁ । ଅନ୍ୟ ଅର୍ଥରେ, ଉକ୍ତ ଆୟୋଗ ଏବଂ ଏହାର ରିପୋର୍ଟ ଦ୍ଵାରା ସଂଗୃହିତ ସାମଗ୍ରୀ, ମୌଖିକ ଦସ୍ତାବିଜ ଗୁଡିକୁ ବିଚାରକୁ ନେବାକୁ ଅନୁସନ୍ଧାନ କମିଟି ହକଦାର ହୋଇଥିବାବେଳେ ଏହା ଚୂଡ଼ାନ୍ତ ଏବଂ/କିମ୍ବା ବାଧ୍ୟତାମୂଳକ ଭାବରେ ବିବେଚନା କରିବ ନାହିଁ । ସମ୍ପୃକ୍ତ ବ୍ୟକ୍ତିମାନଙ୍କ ପାଇଁ ଏହା ଦର୍ଶାଇବା ଉନ୍ମୁକ୍ତ ରହିବ ଯେ ଉକ୍ତ ଫଳାଫଳଗୁଡିକ ବାସ୍ତବରେ କିମ୍ବା ଆଇନରେ ସଠିକ୍ ଏବଂ/କିମ୍ବା ଯଥାର୍ଥ ନୁହେଁ, ଏବଂ ସଂଗୃହୀତ ପ୍ରମାଣ ସେମାନଙ୍କ ବିରୁଦ୍ଧରେ ପ୍ରାସଙ୍ଗିକ ନୁହେଁ । ତଦନ୍ତ କମିଟି ଉଭୟ ବ୍ୟାଙ୍କ, ଯଥା, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ [ଯେଉଁଥିରେ ନିୟୁ ବ୍ୟାଙ୍କ ଅଫ ଇଣ୍ଡିଆର ମିଶ୍ରଣ ହୋଇଛି] ଏବଂ କାନାରା ବ୍ୟାଙ୍କକୁ, ଉପରୋକ୍ତ ବ୍ୟକ୍ତିମାନଙ୍କୁ ଏବଂ ଏପରି ସମସ୍ତ ବ୍ୟକ୍ତିଙ୍କୁ ନୋଟିସ୍ ଦେବେ, ଯେଉଁମାନେ ତଦନ୍ତ କମିଟିର ମତରେ, ଏହି ମାମଲାରେ ଯେକୌଣସି ଅନିୟମିତତା ପାଇଁ ଦାୟୀ ଏବଂ ଉପରୋକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ଦାୟିତ୍ଵ ଏବଂ ଦାୟିତ୍ଵର ପରିମାଣ, ଯଦି ଥାଏ, ନିର୍ଣ୍ଣୟ କରି ଏହି ନ୍ୟାୟାଳୟକୁ ଏକ ରିପୋର୍ଟ ପଠାଇବେ । ଯେଉଁ ବ୍ୟକ୍ତିମାନଙ୍କୁ ଏହି ନ୍ୟାୟାଳୟ ଦ୍ଵାରା ନୋଟିସ୍ ଦିଆଯାଇଛି, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଏହି ନ୍ୟାୟାଳୟରେ ନିଜର ଉତ୍ତର/ସ୍ପଷ୍ଟୀକରଣ ଦାଖଲ କରିନାହାନ୍ତି, ଏବଂ ଯେଉଁମାନଙ୍କୁ ଉପରୋକ୍ତ ତଦନ୍ତ କମିଟି ଦ୍ଵାରା ନୋଟିସ୍ ଦିଆଯାଇପାରେ, ସେମାନେ ଭାରତୀୟ ରିଜର୍ଭ ବ୍ୟାଙ୍କ /ତଦନ୍ତ କମିଟି ସମ୍ମୁଖରେ ନିଜର ଉତ୍ତର/ସ୍ପଷ୍ଟୀକରଣ ଦାଖଲ କରିବେ । ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଏହି ନ୍ୟାୟାଳୟରେ ହାଜର ହୋଇସାରିଛନ୍ତି, ସେମାନେ ଫେବୃଆରୀ 20,1997ରେ ଦିଲ୍ଲୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପରିସରରେ କମିଟି ସମ୍ମୁଖରେ ହାଜର ହେବେ। ତଦନ୍ତ କମିଟି ଦ୍ଵାରା ସେମାନଙ୍କୁ କୌଣସି ନୋଟିସ୍ ପଠାଯିବ ନାହିଁ । ସେହିଦିନ ତଦନ୍ତ କମିଟି ବୈଠକ କରିବ ଏବଂ କାର୍ଯ୍ୟ ଆରମ୍ଭ କରିବ ।

ଶ୍ରୀ ଆର. ସି. ସୁନେଜାଙ୍କ ଦ୍ୱାରା ଦାଖଲ ହୋଇଥିବା ତାଲିକା ଅନୁଯାୟୀ, ତାଙ୍କ ନାମରେ ତାଙ୍କ ପତ୍ନୀ ଏବଂ ପିଲାମାନଙ୍କ ନାମରେ ଥିବା ସମସ୍ତ ସମ୍ପତ୍ତି 31, ଜାନୁଆରୀ 1997 ର ଆଦେଶର ଅନୁପାଳନରେ ହେବ ।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଉପରୋକ୍ତ ତଦନ୍ତ କମିଟି) ଏହି ମାମଲାରେ ନିଜର ରିପୋର୍ଟ ଯେତେ ସତ୍ୱର ସମ୍ଭବ ତିନି ମାସ ମଧ୍ୟରେ, ଏହି ନ୍ୟାୟାଳୟରେ ଦାଖଲ କରିବେ । ଯେତେବେଳେ ଏହି ରିପୋର୍ଟ ଗ୍ରହଣ କରାଯିବ, ଉପଯୁକ୍ତ ଆଦେଶ ପାଇଁ ଏହାକୁ ଏହି ନ୍ୟାୟାଳୟ ସମ୍ମୁଖରେ ଉପସ୍ଥାପିତ କରାଯିବ ।

ଏହି ଆଦେଶର ଏକ ନକଲ ଆଜି ହିଁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣରଙ୍କୁ ପଠାଯିବ । ଏହି ଆଦେଶ ଅନୁସରଣରେ ଉପଯୁକ୍ତ ପଦକ୍ଷେପ ନେବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣରଙ୍କୁ ଅନୁରୋଧ କରାଯାଇଛି ।

ଆର୍.ପି ଆବେଦନର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।